## ଦୁର୍ଘଟଣାରେ ୨ ଗୁରୁତର

ଡାବୁଗାଁ, (ଡି.ଏନ୍.ଏ.)- ଡାବୁଗାଁ ବ୍ଲକ ଅଧୀନ ଜଗନ୍ନାଥଗୁଡା ଛକ ନିକଟରେ ଅଟୋ ଓ ଟ୍ରାକ୍ଟର ଧକ୍କାରେ ୧୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି। ଡାବୁଗାଁରୁ କେଲିଆ ଆଡକୁ ଯାଉଥିବା ଏକ ଟ୍ରାକ୍ଟର (ଓଡି-୨୪ବି-୬୮୪୩) ଜଗନ୍ନାଥଗୁଡା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଯାତ୍ରୀବାହି ଅଟୋ (ଓଡି-୨୪ବି-୬୮୫୭)କୁ ଧକ୍କା ଦେଇଥିଲା। ଅଟୋଟି ରାସ୍ତା କଡକୁ ଓଲଟି ପଡିବାରୁ ଏଥିରେ ଥିବା ୧୦ ଯାତ୍ରୀ ଆହତ ହୋଇଥିଲେ। ଦମକଳ ଓ ଆମ୍ବୁଲାନ୍ସ ପହଞ୍ଚି ସେମାନଙ୍କୁ ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଛି।



## ସଂକ୍ଷେପରେ

### ଶ୍ୟାମ କୁମାର ଜିଲା ଯୁବମୋର୍ଚ୍ଚା ସଭାପତି
### ନିର୍ବାଚନକୁ ଦୃଷ୍ଟିରେ ରଖି କର୍ମୀଙ୍କୁ ବିଭିନ୍ନ ଦାୟିତ୍ୱ

ରାୟଗଡ଼ା ଅଫିସ,୧୮।୧୧- ଯୁବ ଭାଜପା ନେତା ଶ୍ୟାମ କୁମାର ଦାସଙ୍କୁ ଜିଲା ଯୁବମୋର୍ଚ୍ଚା ସଭାପତି ଦାୟିତ୍ୱ ଦିଆଯାଇଛି। ଏ ନେଇ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି। ଜିଲା ଯୁବମୋର୍ଚ୍ଚା ସଭାପତି ପୂର୍ବରୁ ଭାଜପା ନଗର ସଭାପତି ଦାୟିତ୍ୱ ତୁଲାଉଥିଲେ। ଏବେ ଜିଲା ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବିଭୁତି ଭୂଷଣ ପଣ୍ଡାଙ୍କୁ ନଗର ସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ଗୋପାଳ ଚନ୍ଦ୍ର ସାହୁଙ୍କୁ କୃଷକ ମୋର୍ଚ୍ଚା ଜିଲା ସଭାପତି, ରମେଶ ଚନ୍ଦ୍ର ପାଣିଙ୍କୁ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି, ରମା ରାଓ କାଡ୍ରାକାଙ୍କୁ କଲ୍ୟାଣସିଂହପୁର ମଣ୍ଡଳ ସଭାପତି, ବି.ରମାକାନ୍ତ ଆଚାର୍ଯ୍ୟଙ୍କୁ କୋଲନରା ମଣ୍ଡଳ ସଭାପତି, ବାଳକୃଷ୍ଣ କଣ୍ଡାଗିରିଙ୍କୁ ରାମନାଗୁଡ଼ା ମଣ୍ଡଳ ସଭାପତି, ମନୋଜ କୁମାର ସେଠିଙ୍କୁ ମାଝିଗୁଡ଼ା ମଣ୍ଡଳ ସଭାପତି ଦାୟିତ୍ୱ ଦିଆଯାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ
#### ୨୪୩୦ ଟଙ୍କା, ୩ ବାଇକ୍ ଜବତ

ମାଲକାନଗିରି,୧୮।୧୧(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ତଳସାହି ନିକଟରେ ଚାଲିଥିବା ଜୁଆ ଆଡ୍ଡାରେ ମାଲକାନଗିରି ଥାନା ପୋଲିସ ଗୁରୁବାର ଚଢ଼ାଉକରି ୨୪୩୦ ଟଙ୍କା ଓ ୩ ବାଇକ୍ ଜବତ କରିବା ସହ ୪ ଜୁଆଡ଼ିଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ମଧ୍ୟାହ୍ନ ସମୟରେ ପୋଲିସ ଟିମ୍ ପାଟ୍ରୋଲିଂ କରିବାବେଳେ ଏକ ଗଛ ତଳେ ଜୁଆଆଡ୍ଡା ଚାଲିଥିବା ସୂଚନା ପାଇ ଚଢ଼ାଉ କରିଥିଲା। ଏ ନେଇ ମାଲକାନଗିରି ଥାନାରେ ୫୩୯/୨୧ ରେ ଏକ ମାମଲା ରୁଜୁ କରାଯାଇଛି।

### ନବନିର୍ମିତ ଯଜ୍ଞ ମଣ୍ଡପ ଲୋକାର୍ପିତ

ମୁନିଗୁଡ଼ା,୧୮।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଦହିଖାଲ ନିକଟ ସର୍ବେଶ୍ୱର ମହାଦେବ ମନ୍ଦିର ପରିସରରେ ନବନିର୍ମିତ ଯଜ୍ଞମଣ୍ଡପର ପ୍ରତିଷ୍ଠା ଓ ୧୪ ତାରିଖରୁ ଚାଲିଥିବା ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଯାଇଛି। ଜିଲା ପରିଷଦ ଅନୁଦାନରେ ନବନିର୍ମିତ ଯଜ୍ଞମଣ୍ଡପକୁ ବୈଦିକ ବ୍ରାହ୍ମଣ ବିଶ୍ୱନାଥ ଆଚାର୍ଯ୍ୟ ବେଦମନ୍ତ୍ରରେ ଅଭିଷିକ୍ତ କରି ଦେବପଯୋଗୀ କରାଇଥିଲେ। ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା ଏହାକୁ ଲୋକାର୍ପିତ କରିଥିଲେ। ମନ୍ଦିର ପରିଚାଳନା କମିଟି ଓ ମୁନିଗୁଡ଼ା ଗାୟତ୍ରୀ ପରିବାର ପକ୍ଷରୁ ଚାଲିଥିବା ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ସର୍ବେଶ୍ୱର ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ସ୍ଥାନୀୟ ଜନସାଧାରଣ ରାମଚନ୍ଦ୍ର ବେହେରା, ଜଗନ୍ନାଥ ନୁଣ୍ଡୁକା, ଚନ୍ଦ୍ରଶେଖର ବେହେରା, ପୂଜାରୀ କାଶୀନାଥ ରଣା, ଧୀରେନ୍ଦ୍ର ପାଣିଗ୍ରାହୀ, ମାୟାଧର ନାୟକ, ପରମାନନ୍ଦ ସାହୁକାର, ରମେଶ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ୫୦ କେ.ଜି. ଗଞ୍ଜେଇ ଜବତ, ୨ ଅଟକ

ବିଷମକଟକ,୧୮।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ପୋଲିସ ୫୦ କେଜି ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ଚାଙ୍ଗରାଗୁଡ଼ା ଛକଠାରେ ରାତ୍ରି ପାଟ୍ରୋଲିଂବେଳେ ଯାନବାହନ ଯାଞ୍ଚ ସମୟରେ ପୋଲିସ ଏକ କାର୍(ୟୁପି ୭୦ ଇଆର୍ ୪୮୦୮)ରୁ ଗଞ୍ଜେଇ ଜବତ କରିଥିଲା। ପୋଲିସ କାର୍‌କୁ ଜବତ କରିବା ସହ ଅଟକ ଦୁଇ ବ୍ୟକ୍ତିଙ୍କ ଠାରୁ ୪ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ବିଷମକଟକ ଥାନାଧିକାରୀ ସୁବାସ ଚନ୍ଦ୍ର କର୍କରା ସୂଚନା ଦେଇଛନ୍ତି।

### ପାପଡାହାଣ୍ଡିରେ ଭାଲୁ ଆତଙ୍କ
#### ସକାଳ ପର୍ଯ୍ୟନ୍ତ ଘରୁ ନ ବାହାରିବାକୁ ପରାମର୍ଶ

ପାପଡାହାଣ୍ଡି,୧୮।୧୧,(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡିରେ ପୁଣି ଭାଲୁ ଆତଙ୍କ ଦେଖାଦେଇଛି। ଗୁରୁବାର ସନ୍ଧ୍ୟାରୁ ପୁଣି ପହରା ବଢ଼ାଇଲା ବନ ବିଭାଗ। ସ୍ଥାନୀୟ ମସଜିଦ ଅଞ୍ଚଳର ଏକ ମହିଳା ସନ୍ଧ୍ୟାରେ ଛାତ ଉପରେ ଥିବା ବେଳେ ଭାଲୁ ଦେଖିଥିବା ସମସ୍ତଙ୍କୁ ଜଣାଇଥିଲେ। ଖବରପାଇ ଡାବୁଗାଁ ରେଞ୍ଜର ସେତୁ ରଞ୍ଜନୀ ଗମାଙ୍ଗ ସହ ଏକ ଟିମ୍ ସହ ପାପଡାହାଣ୍ଡି ସହର ବୁଲି ଲୋକଙ୍କୁ ଡାକବାଜି ଯନ୍ତ୍ରରେ ସଚେତନ କରାଇବା ସହ ସକାଳ ୬ଟା ପର୍ଯ୍ୟନ୍ତ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ମସଜିଦ ନିକଟରେ ବନ ବିଭାଗର ଏକ ଟିମ ପହରା ଦେଉଛି।

# ଉପାନ୍ତ ଜିଲାରେ ଶିକ୍ଷାର ଉନ୍ନତି ପାଇଁ ବଳିଷ୍ଠ ପଦକ୍ଷେପ

**ମାଲକାନଗିରି ଜିଲାର ୬ ସ୍ମାର୍ଟ ସ୍କୁଲ ଉଦ୍‌ଘାଟିତ**

ମାଲକାନଗିରି,୧୮।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲାର ୬ ରୂପାନ୍ତରିତ ସ୍ମାର୍ଟ ହାଇସ୍କୁଲକୁ ଗୁରୁବାର ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ମାଲକାନଗିରି ସଦରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦରସ୍ଥିତ ବାଳିକା ଉଚ୍ଚବିଦ୍ୟାଳୟ ସମେତ ଜିଲାର ମାଥିଲି, ଚିତ୍ରକୋଣ୍ଡା, କାଲିମେଲା, ପଡ଼ିଆ ଓ ଖଇରପୁଟସ୍ଥିତ ସ୍ମାର୍ଟ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଜିଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ଅତିଥି ରୂପେ ଦଶମ ଶ୍ରେଣୀ ଛାତ୍ରୀ ପାପୁନି ମାଣ୍ଡି ଯୋଗଦେଇଥିଲେ। ଉପାନ୍ତ ଜିଲାରେ ଶିକ୍ଷାର ଉନ୍ନତି ପାଇଁ ପଦକ୍ଷେପ ନେଇଥିବାରୁ ପାପୁନି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ସେହିପରି ମାଲକାନଗିରି ଜିଲାରେ ଶିକ୍ଷାର ବିକାଶ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଏହି ୬ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଥିବାବେଳେ ଆଗାମୀ ଦିନରେ ଆଉ ୪୭ ବିଦ୍ୟାଳୟକୁ ସ୍ମାର୍ଟ କରାଯିବା ପାଇଁ ପଦକ୍ଷେପ ନିଆଯାଇଥିବା ଉପସ୍ଥିତ ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମକୁ ଜିଲାପାଳ ବିଶାଳ ସିଂ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ଜିଲା ସଦରସ୍ଥିତ ବାଳିକା ବିଦ୍ୟାଳୟ ରୂପାନ୍ତରଣ ପାଇଁ ରାଜ୍ୟ ସରକାର ୪୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିବାବେଳେ ଅଭିଭାବକମାନେ ୫ଲକ୍ଷ ଏବଂ ଶିକ୍ଷକମାନେ ୧୦ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ମୋଟ ୬୦ ଲକ୍ଷ ଟଙ୍କା ଅନୁଦାନରେ ଏହି ଉଚ୍ଚ ବିଦ୍ୟାଳୟର ରୂପରେଖ ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଡିଆର୍‌ଡିଏ ପିଡି ବାଳମୁକୁନ୍ଦ ଭୂୟାଁ, ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ପ୍ରତ୍ୟେକ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଜିଲାର ୭ବ୍ଲକର ବିଡିଓ, ପୂର୍ବତନ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ଶିଶୁଙ୍କ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା

**'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ**

ମାଲକାନଗିରି,୧୮।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦରଠାରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥ ଓ ଶିଶୁମାନଙ୍କୁ ନେଇ ଏକ ସାଇକେଲ ଶୋଭାଯାତ୍ରା ନଗର



ଅତିରିକ୍ତ ଜିଲାପାଳ ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି।

ପରିକ୍ରମା କରିଥିଲା। ସ୍ଥାନୀୟ ଭୈରବ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ମାଲକାନଗିରି ମହାବିଦ୍ୟାଳୟ ନିକଟରେ ପହଞ୍ଚିଥିଲା। ମାଲକାନଗିରି ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ମାଧ୍ୟମରେ ଶିଶୁମାନଙ୍କ ସୁରକ୍ଷା, ବାଲ୍ୟବିବାହ ବନ୍ଦ, ଶିଶୁ ନିର୍ଯାତନା ବନ୍ଦ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ ଓ ଚାଇଲ୍ଡଲାଇନର ସଦସ୍ୟମାନେ ଉପସ୍ଥିତ ଥିଲେ। ଶିଶୁମାନେ ଯେପରି ଶୋଷଣର ଶିକାର ନ ହୁଅନ୍ତି ଏବଂ ସେମାନଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ନ ହୁଏ ସେହି ଲକ୍ଷ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଭୋଟଦାନ ପାଇଁ ଛାତ୍ରୀଛାତ୍ରଙ୍କୁ ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ରମାନେ।

ବିଷମକଟକ,୧୮।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ମାଁ ମାର୍କମା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପକ୍ଷରୁ 'ମୁଁ ବି ଭୋଟର ହେବି' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ଅଧିକାରୀ ଦୀପ୍ତିରାଣୀ ମିଶ୍ରଙ୍କ ଉପସ୍ଥିତିରେ ହୋଇଥିବା କାର୍ଯ୍ୟକ୍ରମରେ ଜିପିଇଓ ଦୁର୍ଗା ନିଆଲ, ବିଏଲ୍‌ଓ ସୁପରଭାଇଜର ମୁରଲିଧର ବେହେରା ଉପସ୍ଥିତ ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ଛାତ୍ରୀଛାତ୍ର କିପରି ଭୋଟର ତାଲିକାରେ ନିଜର ନାମ ପଞ୍ଜୀକୃତ କରିବେ ଏବଂ ଭୋଟର ତାଲିକାରେ ନାମ ଭୁଲ୍ ଥିଲେ କିପରି ସଂଶୋଧନ କରାଯିବ ସେ ନେଇ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ତଥା ଯୁବଗୋଷ୍ଠୀ ଯେପରି ଭୋଟଦାନ ଅଧିକାରରୁ ବଞ୍ଚିତ ନ ହେବେ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ସଞ୍ଜୟ କୁମାର ତ୍ରିପାଠୀ, ନିରଞ୍ଜନ ପାଢ଼ୀ, ଅଶ୍ୱିନୀ କୁମାର ପଣ୍ଡା ଉପସ୍ଥିତ ଥିଲେ।

## ୬ଜିଲାର କ୍ୟାଡେଟ୍‌ଙ୍କୁ ମିଳିଲା ଟ୍ରେନିଂ ସାର୍ଟିଫିକେଟ

- ଏନ୍‌ସିସି ବାଟାଲିୟନ ପକ୍ଷରୁ ଖବରଦାତା ସମ୍ମିଳନୀ
- ପ୍ରି-ଆର୍‌ଡିସି ପାଇଁ ୪ କ୍ୟାଡେଟ୍ ଚୟନ

ରାୟଗଡ଼ା ଅଫିସ,୧୮।୧୧

ଏନ୍‌ସିସି ଗାର୍ଲସ୍ ବାଟାଲିୟନ ପକ୍ଷରୁ ରାୟଗଡ଼ା, ଗଞ୍ଜାମ, ନବରଙ୍ଗପୁର, ଗଜପତି, ଖୋର୍ଦ୍ଧା ଓ କନ୍ଧମାଳ ଜିଲାର କ୍ୟାଡେଟ୍‌ମାନଙ୍କୁ ଗୁରୁବାର ପ୍ରଶିକ୍ଷଣ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ସେହିପରି ୪ କ୍ୟାଡେଟ୍ ଦିଲ୍ଲୀଠାରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରି-ଆର୍‌ଡିସି କ୍ୟାମ୍ପ ପାଇଁ ଚୟନ ହୋଇଛନ୍ତି। ଦିଲ୍ଲୀ ଯିବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରାଯାଉଥିବା ନେଇ ରାୟଗଡ଼ା ରାମକୃଷ୍ଣନଗରସ୍ଥିତ ଏନ୍‌ସିସି ବାଟାଲିୟନ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନ୍‌ସିସି କମାଣ୍ଡାଣ୍ଟ ଆଲୋକ ଘୋଷ ସୂଚନା ଦେଇଛନ୍ତି। ୨୦୧୧ରୁ ଏହି ଏନ୍‌ସିସି କ୍ୟାମ୍ପ ଚାଲିଛି। ଜିଲାରେ ମାଓବାଦୀ ହିଂସା କମାଇବା ଏବଂ ଶୃଙ୍ଖଳାଗତ ଜୀବନଶୈଳୀ ବିଷୟରେ କ୍ୟାମ୍ପରେ ତାଲିମ ଦିଆଯାଇଥାଏ। କରୋନା ସମୟରେ ଏନ୍‌ସିସି ଟ୍ରେନିଂ କ୍ୟାମ୍ପ ଆୟୋଜନରେ ସମସ୍ୟା ହୋଇଥିଲା। କିନ୍ତୁ ଅନ୍‌ଲାଇନରେ ଶିକ୍ଷାଦାନ ପଦ୍ଧତି ଅନୁଯାୟୀ ତାଲିମ ଦିଆଯାଇଥିଲା। କ୍ୟାଡେଟ୍‌ମାନେ ମାଓବାଦୀ ମୁକାବିଲା ହେଉ କିମ୍ବା ଅନ୍ୟ ନିଯୁକ୍ତି କ୍ଷେତ୍ରରେ ନିଜର ଦକ୍ଷତା ହାସଲ କରିଛନ୍ତି। ଏନ୍‌ସିସି ପକ୍ଷରୁ ସେମାନଙ୍କୁ ଯୋଗ୍ୟତା ଅନୁଯାୟୀ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏହାକୁ ନେଇ କ୍ୟାଡେଟ୍‌ମାନେ ଉତ୍ସାହିତ ଥିବା ଜଣାପଡ଼ିଛି।

## ବାଲ୍ୟବିବାହ ରୋକିବାକୁ ଶପଥ ନେଲେ ଗ୍ରାମବାସୀ

ଏମ୍‌ଭି ୭୯,୧୮।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ମୋଟୁ ପଞ୍ଚାୟତରେ ଗୁରୁବାର ବାଲ୍ୟବିବାହ ରୋକିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ ଦ୍ୱାରା କିଶୋରୀକିଶୋରମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟ ମୌଳିକ ଅଧିକାରରୁ ବଞ୍ଚିତ ହେବାସହ ଉତ୍ପୀଡ଼ନ ଓ ନିର୍ଯାତନାର ଶିକାର ହେଉଛନ୍ତି। ଏଥିସହ ଅଧାରୁ ପାଠ ଛାଡ଼ିବା, ଅଳ୍ପ ବୟସରେ ଗର୍ଭଧାରଣଜନିତ ସମସ୍ୟା, ମାତୃ ମୃତ୍ୟୁହାର ବୃଦ୍ଧି, ଶିଶୁ ମୃତ୍ୟୁହାର ବୃଦ୍ଧି, ରକ୍ତହୀନତା ଓ ଅପପୁଷ୍ଟି, ଘରୋଇ ହିଂସା ଭଳି ସମସ୍ୟା



ଗ୍ରାମବାସୀ ଶପଥ ନେଉଛନ୍ତି।

ଦେଖାଦେଉଥିବା ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଗ୍ରାମବାସୀ ଉପସ୍ଥିତ ରହି ବାଲ୍ୟବିବାହ ରୋକିବା, ନିଜ ପିଲାଙ୍କ ବାଲ୍ୟବିବାହ ନ କରାଇବା, ଏହାର କୁପରିଣାମ ବିଷୟରେ କିଶୋରୀକିଶୋର, ଯୁବତୀଯୁବକଙ୍କୁ ସଚେତନ କରିବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କେଶବ ଚନ୍ଦ୍ର ଖରା, ମୋଟୁ ସରପଞ୍ଚ ମୁନା ସୋଡ଼ି, ଜିଆର୍‌ଏସ୍ ଚିନ୍ମୟ ବିଶ୍ୱାସ, ନାଏବ ସରପଞ୍ଚ ସୋଡି କଳ୍ପନା ଏବଂ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

## 'ମୁଁ ଭୋଟର ହେବି, ଦେଶ ଗଢ଼ିବି' କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ,୧୮।୧୧

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ ଏବଂ ରାୟଗଡ଼ା ଉପଖଣ୍ଡ ପ୍ରଶାସନର ସମନ୍ୱୟରେ ଗୁରୁବାର 'ମୁଁ ଭୋଟର ହେବି, ଦେଶ ଗଢ଼ିବି' ଭୋଟର ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ଉପଖଣ୍ଡୀୟ ଅଧିକରଣ ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ମତଦାନ ଅଧିକାର ବିଷୟରେ ସଚେତନ କରିଥିଲେ। ସେହିପରି ନୂତନ ଭୋଟରମାନେ ନିଜ ନାମ ପଞ୍ଜୀକରଣ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ଜିପିଓ ଏବଂ ଏସ୍‌ଡିପିଓ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ଭି.ଆର୍. ରତ୍ନଶ୍ରୀ ଅଧ୍ୟକ୍ଷତା କରିଥିଲେ। ଆର୍.ଏନ୍. ପଣ୍ଡିତ, ପି.କେ. ଗନ୍ତାୟତ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ଅଶୋକ କୁମାର ସାହୁ ଏହାର ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀ ଏବଂ ୨୦୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଆତ୍ମନିର୍ଭର ଭାରତର ସଚେତନତା କାର୍ଯ୍ୟକ୍ରମ

ମୁନିଗୁଡ଼ା,୧୮।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଆଗୁଳ ଗ୍ରାମରେ ଥିବା ଜନସେବା କେନ୍ଦ୍ର ପକ୍ଷରୁ ଆତ୍ମନିର୍ଭର ଭାରତର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ଭରତ ଦିବାକା ଓ ଭିଏଲ୍‌ଇ ଗୌଡ଼ଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଗୌରାଙ୍ଗ ପିଡିକାକା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଗ୍ରାମାଞ୍ଚଳରେ ଚାଷୀମାନେ କିଭଳି ଆତ୍ମନିର୍ଭରଶୀଳ ହୋଇ ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇ ପାରିବେ ସେ ନେଇ ଅବଗତ କରାଯାଇଥିଲା। ଏଥିସହ ସରକାରଙ୍କ ଦ୍ୱାରା ସବ୍‌ସିଡିର ଲାଭ କେମିତି ଉଠାଇହେବ ସେ ନେଇ ଆଲୋଚନା ହୋଇଥିଲା। ଶେଷରେ ଦେଶ ଡିଜିଟାଲ ଆଡ଼କୁ ଆଗେଇ ଥିବାବେଳେ ଜନସେବା କେନ୍ଦ୍ର ମଧ୍ୟ ଏଥିରେ ସାମିଲ ହୋଇ ନିଜର କର୍ତ୍ତବ୍ୟ କରିଚାଲିଛି ବୋଲି ସଂଯୋଜକ ଭରତ ଦିବାକା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟାରେ ଚାଷୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଦାବି ପୂରଣ ନ ହେଲେ ୨୨ରୁ ଗଣଧାରଣା

**ବିଡିଓଙ୍କୁ ଦାବିପତ୍ର ଦେଲେ ଅସ୍ଥାୟୀ ଜଳ ଯୋଗାଣ କର୍ମଚାରୀ**

ଗୁଣପୁର/ବିଷମକଟକ/ଟିକିରି, ୧୮।୧୧(ଡି.ଏନ୍.ଏ)

ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଏସ୍‌ଇଏମ୍ ଓ ପମ୍ପ ଚାଳକଙ୍କ ମହାସଂଘ ପକ୍ଷରୁ ୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏସ୍‌ଇଏମ୍ ପଦ ଉଚ୍ଛେଦ କରି ଗ୍ରାମ୍ୟ ଜଳଯୋଗାଣ କର୍ମଚାରୀର ମାନ୍ୟତା ପ୍ରଦାନ, ସମାନ କାମକୁ ସମାନ ଦରମା, ପଞ୍ଚାୟତରୁ ଦରମା ବନ୍ଦ କରି ବିଭାଗରୁ ଦରମା ପ୍ରଦାନ, ୫ ବର୍ଷ ବୟସ କୋହଳ, ୧୦ ବର୍ଷର ଏରିୟର କରିବା, କାର୍ଯ୍ୟ କରୁଥିବା ସମୟରେ କର୍ମଚାରୀ ମୃତ୍ୟୁ ଘଟିଲେ ୨୦ ଲକ୍ଷ କ୍ଷତିପୂରଣ ଓ ଉକ୍ତ ପରିବାରର ଜଣକୁ ସେହି ସଂସ୍ଥାରେ ନିଯୁକ୍ତି ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଗୁଣପୁରଠାରେ ସଂଘ ପକ୍ଷରୁ ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ଅନାଡି ରେଡ଼ି, ଉପସଭାପତି ନିରଞ୍ଜନ ସାହୁକାର, ସମ୍ପାଦକ କୌଳାଶ ବଡ଼ପନ୍ଦରା,କୋଷାଧ୍ୟକ୍ଷ ପ୍ରଦିପ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ।

ବିଷମକଟକଠାରେ ମହାସଂଘ ପକ୍ଷରୁ ସଭାପତି ରାମକୃଷ୍ଣ ପଣ୍ଡୁ, ଉପ ସଭାପତି ବଂଶଧର କଣ୍ଡାଗିରି, ସମ୍ପାଦକ ସିମାଞ୍ଚଳ ମିଶ୍ର ଓ ଶିବରାମ, ସନ୍ତୋଷ ପାତ୍ର, ଭାସ୍କର ଦାଶ, ରାମୁଲୁ, ନନ୍ଦୁ, ରତ୍ନାକର ନାୟକ ପ୍ରମୁଖ ବିଡିଓ ଆଲବର୍ଟ ଲାକ୍ରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସେହିପରି କାଶୀପୁର ବ୍ଲକରେ ସଂଘ ପକ୍ଷରୁ ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସଂଘର ସଭାପତି ରତ୍ନାକର ନାୟକଙ୍କ ନେତୃତ୍ୱରେ ସମସ୍ତ ୭୨ କର୍ମଚାରୀ ଉପସ୍ଥିତ ଥିଲେ। ନଭେମ୍ବର ୨୧ ସୁଦ୍ଧା ସମସ୍ତ ଦାବି ପୂରଣ ନ ହେଲେ ସମସ୍ତ ବ୍ଲକରେ କର୍ମଚାରୀମାନେ ଗଣଧାରଣାରେ ବସିବେ ଏବଂ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜଳ ଯୋଗାଣ ବନ୍ଦ ରହିବ ବୋଲି ରାଜ୍ୟ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଚେତାବନି ଦିଆଯାଇଛି।

## ପ୍ରେମୀଯୁଗଳଙ୍କ ମୃତଦେହ ଜବତ

**ମୃତ୍ୟୁର କାରଣ ଅସ୍ପଷ୍ଟ**

ମାଲକାନଗିରି,୧୮।୧୧(ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ସିଙ୍ଗରାଜକୋଣ୍ଡା ଗ୍ରାମର ଏକ ଚାଷଜମି ନିକଟରୁ ପ୍ରେମୀଯୁଗଳଙ୍କ ମୃତଦେହ ଜବତ ହୋଇଛି। ଦୁହେଁ ହେଲେ ସିଙ୍ଗରାଜକୋଣ୍ଡା ଗ୍ରାମର ମନୁ ମାଡକାମି(୨୮) ଏବଂ ଯୋଗୀ ପଡ଼ିଆମି(୧୯)। ମୃତଦେହ ପଡ଼ିଥିବା ଦେଖି ସକାଳେ ଗ୍ରାମବାସୀ ମାଲକାନଗିରି ଆଦର୍ଶ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ବିଷ ପିଇ ଦୁହେଁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଯୁବକ ଜଣକ ବିବାହିତ ଏବଂ ଯୁବତୀ ଅବିବାହିତ ବୋଲି ଜଣାପଡ଼ିଛି। ଏ ନେଇ ଥାନାରେ ୭୩/୨୧ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ସମ୍ପୂର୍ଣ୍ଣ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ରାମପ୍ରସାଦ ନାଗ କହିଛନ୍ତି।

## ୨୭ ପର୍ଯ୍ୟନ୍ତ ଓକିଲଙ୍କ କୋର୍ଟ କାର୍ଯ୍ୟ ବନ୍ଦ ନିଷ୍ପତ୍ତି



ମାଲକାନଗିରି,୧୮।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଓକିଲ ସଂଘ ପକ୍ଷରୁ ଗୁରୁବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବରୁ ଜିଲା ଜଜ୍‌ଙ୍କ ବଦଳି ଦାବି କରି ୩ଦିନ ସମସ୍ତ କୋର୍ଟ କାର୍ଯ୍ୟ ବନ୍ଦ ଡାକରା ଦିଆ ଯାଇଥିବାବେଳେ କୌଣସି ପଦକ୍ଷେପ ନ ନେବାରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ଜିଲାର ସମସ୍ତ କୋର୍ଟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଏକ ପ୍ରତିନିଧି ଦଳ ସଭାପତି ପ୍ରଭାକର ପ୍ରଧାନଙ୍କ ନେତୃତ୍ୱରେ ମାଲକାନଗିରିରୁ କଟକ ଯାଇ ମୁଖ୍ୟ ବିଚାରପତି ସହ ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ଏକ କାର୍ଯ୍ୟାନୁଷ୍ଠାନ କମିଟି ଗଠନ କରାଯାଇଛି। ରମେଶ ପଟ୍ଟନାୟକଙ୍କୁ ଏହାର ସଭାପତି କରାଯାଇଥିବାବେଳେ କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ଗୋପାଳ ପଣ୍ଡା, ରାମପ୍ରସାଦ ପଟ୍ଟନାୟକ, କୈଳାଶ ପଟ୍ଟନାୟକ, ଦିଲୀପ ପରିଚ୍ଛା, ଲମ୍ବୋଦର ତୁରୁକ୍, ଭୁଦେବ ମହାନନ୍ଦିଆ, ବିଜୁ ସରକାର, ରବୀନ୍ଦ୍ର କୁମାର ମାଝି, ସରୋଜ ସାହୁ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଏହି ୧୦ ଜଣିଆ କ୍ରିୟାନୁଷ୍ଠାନ କମିଟି ସମସ୍ତ ନିଷ୍ପତ୍ତି ନେବା ସହ କୋର୍ଟ ବନ୍ଦ କାର୍ଯ୍ୟକୁ ତଦାରଖ କରିବେ। ବୈଠକରେ ଜିଲାର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

## ପିଟେସିକୁ ହରାଇ ଏମାଲିଗୁଡ଼ା ଟିମ୍ ବିଜୟୀ




ଉତ୍ସବରେ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟ ଅତିଥିମାନେ।

**କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

କୋଲନରା,୧୮।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ଦୁଦ୍ଦୁଲି ପଞ୍ଚାୟତ ଅଧୀନ ଲେଲିବାଡ଼ି ଗ୍ରାମରେ ଅକ୍ଟୋବର ୨୪ରୁ ଚାଲିଥିବା କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ପିଟେସି ଏବଂ ଏମାଲିଗୁଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଏମାଲିଗୁଡ଼ା ଦଳ ବିଜୟୀ ହୋଇଛି। ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଗ୍ରାମରୁ ମୋଟ ୨୪ ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ବ୍ଲକ ଅଧ୍ୟକ୍ଷା ଗୀତା କଣ୍ଡାଗରୀ, ବିଜୁ କୃଷକ ସେଲ୍‌ର ସମ୍ପାଦକ ତିରିପତି ବାନାଗାଡ଼ି, ଉପାଧ୍ୟକ୍ଷ ତେଜରାଜ ନାଗ, 'କ' ଜୋନ୍ ଜିଲା ପରିଷଦ ସଭ୍ୟା ସମି ହିମିରିକା ଓ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟୀ ଏମାଲିଗୁଡ଼ା ଦଳକୁ ୨୦ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ୍ ଟିମ୍‌କୁ ୧୫ହଜାର ଟଙ୍କା ଓ ଟ୍ରଫି ସହ ପୁରସ୍କୃତ କରାଯାଇଛି।

## ବୟସ ଅଧିକ କହି ଚାକିରିରୁ ବିଦା କରିଦେଲେ

**ପରିବାର ଚଳାଇବା ଚିନ୍ତାରେ ସତ୍ୟନାରାୟଣ**

ଗୁଣପୁର,୧୮।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ରେ ଅସ୍ଥାୟୀ ପିଅନ ଭାବେ ୩୪ ବର୍ଷ କାର୍ଯ୍ୟ କଲେ। ହେଲେ ବୟସ ଅଧିକ କହି ତାଙ୍କୁ ଚାକିରିରୁ ବିଦା କରିଦିଆଗଲା। ରୋଜଗାରର ଅନ୍ୟ ଉପାୟ ନ ଥିବାରୁ ଏବେ ଦୁଇବେଳା ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି। ଏ ହେଲା ଗୁଣପୁର ଅଞ୍ଚଳର ଏ. ସତ୍ୟନାରାୟଣ ଆଚାରୀଙ୍କ ଅବସ୍ଥା।

ସୂଚନାଯୋଗ୍ୟ, ସତ୍ୟନାରାୟଣ ୧୯୮୫ରୁ ଅସ୍ଥାୟୀ ପିଅନଭାବେ ଗୁଣପୁର ଆଇଟିଡିଏରେ ନିଯୁକ୍ତ ହୋଇଥିଲେ। ସେତେବେଳେ ତାଙ୍କ ମାସିକ ବେତନ ୨୨୫ ଟଙ୍କା ଥିଲା। ଧୀରେ ଧୀରେ ବେତନ ବୃଦ୍ଧିପାଇ ୨୦୧୯ ବେଳକୁ ସେ ମାସିକ ୯୦୦୦ ଟଙ୍କା ପାଉଥିଲେ। ସେତିକିରେ କଷ୍ଟରେ ଘର ଚଳାଉଥିଲେ। ୨୦୧୯ ମାର୍ଚ୍ଚରେ ଆଇଟିଡିଏରେ କାର୍ଯ୍ୟରତ କ୍ୟାଶିୟର ନିରଞ୍ଜନ ବେହେରା ସତ୍ୟନାରାୟଣଙ୍କୁ ବୁଢ଼ା ହେଇଗଲ କାଲିଠାରୁ ଆଉ ଅଫିସ ଆସନାହିଁ ବୋଲି କହିଥିଲେ। ଏଥିସହ ରହୁଥିବା ସରକାରୀ କ୍ୱାର୍ଟର୍ସକୁ ମଧ୍ୟ ଖାଲି କରିବାକୁ କହିଥିଲେ। ଏହା ଶୁଣି ସତ୍ୟନାରାୟଣ ଆଶ୍ଚର୍ଯ୍ୟ ହେବା ସହ ସେତେବେଳେ ଆଇଟିଡିଏ ପିଏ ଥିବା ଗୋରାଚାନ୍ଦ ଗମାଙ୍ଗଙ୍କ ନିକଟରେ ଗୁହାରି କରିଥିଲେ। କିନ୍ତୁ ଏଥିରେ ସେ କିଛି କରିପାରିବେ ନାହିଁ ବୋଲି ମନା କରି ଦେଇଥିବା ସତ୍ୟନାରାୟଣ କହିଛନ୍ତି। ସେବେଠାରୁ ପରିବାର ପାଇଁ ଦୁଇବେଳା ଖାଇବାକୁ ମଧ୍ୟ ଯୋଗାଡ଼ କରିପାରୁ ନାହାନ୍ତି ବୋଲି ସେ କୋହଭରା କଣ୍ଠରେ କହିଛନ୍ତି। ଏବେ ସରକାରୀ କ୍ୱାର୍ଟର୍ସରେ ରହୁଥିବାବେଳେ ଛୋଟିଆ ଦୋକାନଟିଏ କରିଛନ୍ତି। ହେଲେ ପରିବାର ଚଳାଇବା ସମ୍ଭବ ହୋଇପାରୁନାହିଁ। ସତ୍ୟନାରାୟଣଙ୍କ ସ୍ତ୍ରୀ ସମେତ ଦୁଇ ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି। ଧାରକରଜ କରି ଝିଅର ବିବାହ କରାଇଥିଲେ। ଦୁର୍ଭାଗ୍ୟକୁ ସ୍ୱାମୀ ଆରପାରିକୁ ଚାଲିଯିବା ପରେ ଝିଅ ମଧ୍ୟ ବାପାଙ୍କ ନିକଟରେ ଆଶ୍ରୟ ନେଇଛନ୍ତି। ବାପାଙ୍କ ଦୟନୀୟ ଅବସ୍ଥା ଦେଖି ଝିଅ ଅନ୍ୟ ଘରେ କାମ କରି ପରିବାର ଚଳାଉଥିବା ସତ୍ୟନାରାୟଣ କହିଛନ୍ତି। ଗୁଣପୁର ଆଇଟିଡିଏରେ କାର୍ଯ୍ୟରତ କର୍ମଚାରୀ, ଅଧିକାରୀ ଓ ଠିକାଦାରମାନେ ସତ୍ୟନାରାୟଣଙ୍କୁ ଆଚାରୀ ନାମରେ ଡାକିଥାନ୍ତି। ଅଫିସରେ ସମସ୍ତେ ତାଙ୍କଠାରୁ କାର୍ଯ୍ୟ ହାସଲ କରିଛନ୍ତି। ତେଣୁ ତାଙ୍କ ଗୁହାରି କେହି ଜଣେ ଶୁଣି ଚାକିରି ନିୟମିତ କରାଇଦେବେ ବୋଲି ବିଶ୍ୱାସ ରଖିଥିଲେ। ୩୪ ବର୍ଷରେ ସେହି ଆଶା ପୂରଣ ହୋଇ ନ ଥିଲା। ଏବେ ୯ ହଜାର ବଦଳରେ ଅଧା ଦରମାରେ ମଧ୍ୟ ସେ କାମ କରିବାକୁ ପ୍ରସ୍ତୁତ। ହେଲେ ଚାକିରି ଫେରି ପାଇପାରୁ ନାହାନ୍ତି। ତେଣୁ ସରକାରଙ୍କ ଏଭଳି ନୀତିକୁ ସେ ନିନ୍ଦା କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଲା, ଓଏଏସ୍ ଅଧିକାରୀ ତଥା ଏ-କ୍ଲାସ୍ ଅଫିସର ଆଇଟିଡିଏ ପିଏ ଏବଂ ଜିଲାରୁ ପ୍ରତିନିଧିତ୍ୱ କରିଥିବା ବିଭାଗୀୟ ମନ୍ତ୍ରୀ କେହି ମଧ୍ୟ ତାଙ୍କ ଗୁହାରି ଶୁଣି ନ ଥିବା ସେ କହିଛନ୍ତି। ଏତେବର୍ଷ ଶ୍ରମଦାନର ଏହା ଫଳ କି ବୋଲି ସତ୍ୟନାରାୟଣ ପ୍ରଶ୍ନ କରିଛନ୍ତି।

